

# ଉନ୍ନତ ପ୍ରଣାଳୀରେ ହରଡ ଚାଷ

ବିଷୟ ବସ୍ତୁ
**ଶ୍ରୀଯୁକ୍ତ ତପନ କୁମାର ଦାସ, ସସ୍ମିତା ପ୍ରିୟଦର୍ଶିନୀ**
ବିଷୟ ବସ୍ତୁ ବିଶେଷଜ୍ଞ, (ଶସ୍ୟ ବିଜ୍ଞାନୀ)

ସମ୍ପାଦନା
**ଶ୍ରୀଯୁକ୍ତ ତପନ କୁମାର ଦାସ**
ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ

**କୃଷି ବିଜ୍ଞାନ କେନ୍ଦ୍ର, ବୌଦ୍ଧ, ଓଡ଼ିଶା**
**ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର - ୭୫୧୦୦୩**

**ମୃତ୍ତିକା ଓ ଜଳବାୟୁ :** ନିଗିଡା ଢ଼ିପ ଜମିରେ ହରଡ ଚାଷ ଭଲ ହୁଏ । ଏଥିପାଇଁ ଦୋରସା, ବାଲିଆ ଦୋରସା ଓ ପଟୁ ଦୋରସା ମାଟି ଆବଶ୍ୟକ ହୋଇଥାଏ । ସନ୍ତସନ୍ତିଆ ଓ ମଟାଳ ମାଟିରେ ହରଡ ଭଲ ହୁଏ ନାହିଁ । ଆମ ରାଜ୍ୟର ଦ୍ରତାଯୁକ୍ତ ଉଷ୍ମ ଜଳବାୟୁ ଏହି ଚାଷ ପାଇଁ ଉପଯୁକ୍ତ ।

**ବିହନ:**

| କିସମର ନାମ | ଅମଳ ଅବଧି (ଦିନ) | ବିଶେଷ ଗୁଣ |
|---|---|---|
| ଆଇ.ସି.ପି.ଏଲ୍-୮୮୦୩୯ | ୧୧୦-୧୨୦ | ଗଛ ବୁଦାଳିଆ, ଫୁଲ ହଳଦିଆ, ଫୁଲର ଲାଲ ରଙ୍ଗର ଦାଗ ଥାଏ । |
| ଆଇ.ସି.ପି.ଏଲ୍-୧୫୧ (ଜାଗୃତି) | ୧୩୦ | ଗଛ ବୁଦାଳିଆ, ଫୁଲ ହଳଦିଆ, ଫୁଲର ଲାଲ ରଙ୍ଗର ଦାଗ ଥାଏ । |
| ଆଇ.ସି.ପି.ଏଲ୍-୮୭୦୯୧ | ୧୨୧ | ଗଛ ବୁଦାଳିଆ, ଫୁଲ ହଳଦିଆ, ମଞ୍ଜି ଲହୁଣୀ ରଙ୍ଗର । |
| ଆଇ.ସି.ପି.ଏଲ୍-୮୭୦୯୧ | ୧୨୧ | ଗଛ ବୁଦାଳିଆ, ଫୁଲ ହଳଦିଆ, ମଞ୍ଜି ଲହୁଣୀ ରଙ୍ଗର । |
| ଆଇ.ସି.ପି.ଏଲ୍-୮୧ | ୧୨୧ | ଗଛ ଡେଙ୍ଗା, ଫୁଲ ହଳଦିଆ, ମଞ୍ଜି ଧୂସର । |
| ଆଇ.ସି.ପି.ଏଲ୍-୮୮୬୩ (ମାରୁତି) | ୧୬୬ | ଗଛ ଡେଙ୍ଗା, ଫଳ ଧୂସର । |
| ଆଇ.ସି.ପି.ଏଲ୍-୮୭୧୧୯ (ଆଶା) | ୧୮୦ | ଗଛ ଡେଙ୍ଗା, ଫୁଲ ହଳଦିଆ ଲାଲ, ମଞ୍ଜି ଧୂସର । |
| ଆଇ.ସି.ପି.ଏଲ୍-୮୫୦୬୩ (ଲକ୍ଷ୍ମୀ) | ୧୮୨ | ଗଛ ମଧ୍ୟମ ଆକାରର, ଫୁଲ ଧଳା, ମଞ୍ଜି ଧଳା ଲହୁଣୀ ରଙ୍ଗର । |
| ଆଇ.ସି.ପି.ଏଲ୍-୨୦୦୯୨ | ୨୨୦ | ଗଛ ବୁଦାଳିଆ, ଫୁଲ ଈଷତ୍ ହଳଦିଆ । |
| ଆଇ.ସି.ପି.ଏଲ୍-୧୩୦୯୨ | ୨୧୦ | ଗଛ ବୁଦାଳିଆ, ମଞ୍ଜି ଧଳା । |
| ଆର୍-୬୦ (ମୁକ୍ତା) | ୧୮୦ | ଗଛ ଡେଙ୍ଗା, ଫୁଲ ହଳଦିଆ । |
| ପିଆର୍‌ଜି - ୧୭୬<br>ଆଇ.ସି.ପି.ଏଲ୍-୧୪୦୦୩ | ୧୩୦ | ଗଛ ବୁଦାଳିଆ,<br>ଛୁଇଁ ବିନ୍ଧା ପୋକ ସହନଶୀଳ । |

**ବୁଣିବା ସମୟ:** ହରଡ ସାଧାରଣତଃ ଜୁନ୍ ମାସରେ ବୁଣାଯାଏ । ସଅଳ କିସମ ବିହନ ଶୀତ ଋତୁରେ ମଧ୍ୟ ଏକକ ଫସଲ ଭାବେ ସେପ୍ଟେମ୍ବର-ଅକ୍ଟୋବରରେ ବୁଣାଯାଇପାରିବ ।

**ବିହନ ପରିମାଣ ଓ ବିଶୋଧନ :** ବର୍ଷାଦିନେ ଏକର ପ୍ରତି ସଅଳ ଅମଳ ହେଉଥିବା କିସମରୁ ୮ କି.ଗ୍ରା, ବିଳମ୍ବରେ ଅମଳ ହେଉଥିବା କିସବ ପାଇଁ ୬ କି.ଗ୍ରା. ବିହନ ଆବଶ୍ୟକ ହୁଏ । ଶୀତ ଋତୁରେ ହରଡ ଚାଷପାଇଁ ୧୦ ରୁ ୧୨ କି.ଗ୍ରା. ବିହନ ଦରକାର । ପ୍ରତି କି.ଗ୍ରା. ବିହନକୁ ବୁଣିବା ଆଗରୁ ୩ଗ୍ରାମ୍ କ୍ୟାପ୍‌ଟାନ୍ କିମ୍ବା ୧.୫ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ବିଶୋଧନ କରନ୍ତୁ ।

**ଜୀବାଣୁ କଲଚର ଉପଚାର :** ହରଡ ପାଇଁ ଉଦ୍ଦିଷ୍ଟ ଜୀବାଣୁ କଲଚର ୨୦୦ ଗ୍ରାମ୍ ନେଇ ଏକର ପ୍ରତି ଆବଶ୍ୟକ ହେଉଥିବା ବିହନ ଉପଚାର କରନ୍ତୁ । ବିହନ ବିଶୋଧନ ଓ ଉପଚାର ମଧ୍ୟରେ ୭ ଦିନ ବ୍ୟବଧାନ ରହିବା ଦରକାର ।

**ଜମି ପ୍ରସ୍ତୁତି ଓ ବିହନ ବୁଣା :** ମାଟି ଭଲ ଭାବରେ ଗୁଣ୍ଡ ହେଲେ ବିହନ ସହଜରେ ଗଜା ହୁଏ । ଏଣୁ ଜମିକୁ ୩/୪ ଓଡ଼ ଚାଷ କରି ମାଟିକୁ ଗୁଣ୍ଡ ଓ ସମତୁଲ କରନ୍ତୁ । ହରଡ଼ ଧାଡ଼ି ବୁଣାଗଲେ କୋଡ଼ାଖୁସା, ଘାସବଛା ଓ ଫସଲ ସୁରକ୍ଷାରେ ସୁବିଧା ହୁଏ ।

| କିସମ | ଧାଡିକୁ ଧାଡି (ସେ.ମି.) | ଗଛକୁ ଗଛ (ସେ.ମି.) |
|---|---|---|
| ସଅଳ କିସମ | ୪୫ | ୨୦ |
| ବିଳମ୍ବ କିସମ | ୬୦ | ୨୦ |
| ପ୍ରାକ୍ ରବି | ୩୦ | ୧୫ |

ବିହନକୁ ଧାଡିରେ ୩ ରୁ ୫ ସେ.ମି. ଗଭୀରରେ ବୁଣନ୍ତୁ ।

**ମିଶ୍ରିତ ଚାଷ :** ହରଡ଼ ଚେର ଗଭୀରକୁ ଯାଏ । ଏହା ସହିତ କମ୍ ଗଭୀର ଚେର ଫସଲ ଭାବେ ଧାନ, ମାଣ୍ଡିଆ, ମକା, ଚିନାବାଦାମ, ମୁଗ ଓ ବିରିକୁ ମିଶାଇ ଚାଷ କରାଯାଇପାରିବ । ହରଡ+ଧାନ ୨:୫ ଅନୁପାତ । ହରଡ+ମାଣ୍ଡିଆ ୨:୪ ଅନୁପାତ । ହରଡ + ମକା ୧:୧ ଅନୁପାତ । ହରଡ + ଚିନାବାଦାମ ୧:୩ ଅନୁପାତ । ହରଡ + ମୁଗ/ବିରି ୧:୩ ଅନୁପାତ ।

**ଖତ ସାର :** ଏକର ପ୍ରତି ୨ ଟନ୍ ସଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ଏହା ବ୍ୟତୀତ ଏକ ପ୍ରତି ୮-୧୧ କି.ଗ୍ରା. ଯବକ୍ଷାରଜାନ, ୧୬-୧୪ କି.ଗ୍ରା. ଫସ୍‌ଫରସ୍ ଓ ୮ କି.ଗ୍ରା. ପଟାସ୍ ଦରକାର । ଏହାକୁ ମୂଳସାର ହିସାବରେ ଶେଷଓଡ଼ ଚାଷ ବେଳେ ପ୍ରୟୋଗ କରନ୍ତୁ ।

**ଅନ୍ତଃଚାଷ :** ବିହନ ବୁଣିବା ପରେ ଏକର ପ୍ରତି ୧ ଲିଟର ପେଣ୍ଡିମେଥାଲିନ୍ ୩୦% ଇ.ସି. ୨୦୦ ଲିଟର ପାଣିରେ ମିଶାଇ ମାଟି ଉପରେ ସିଞ୍ଚନ କରାଯାଏ । ଗଛ ଉଠିବାର ୨-୩ ସପ୍ତାହ ଓ ୫-୬ ସପ୍ତାହ ଏପରି ୨ ଥର କୋଡାଖୁସା କରି ଘାସ ବାଛ ଦିଅନ୍ତୁ । ଏହାପରେ ଘାସ ହେଲେ କ୍ୱାଜାଲୋଫଫ୍ ଇଥାଇଲି ୫% ଇ.ସି. (ଟାଇଗାସୁପର) ଏକର ପ୍ରତି ୪୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ବିହନ ବୁଣିବାର ୧୫-୨୦ ଦିନ ମଧ୍ୟରେ ସିଞ୍ଚନ କରନ୍ତୁ ।

**ଜଳସେଚନ:** ବର୍ଷାଦିନେ ହରଡ଼ ପାଇଁ ଜଳସେଚନ ଦରକାର ହୁଏ ନାହିଁ । ଫୁଲ ଧରିବା ସମୟରେ ଯଦି ବର୍ଷା ନହୁଏ । ତାହାହେଲେ ପାଣି ମଡ଼ାଇବା ଦରକାର । ଜଳସେଚନ ଦେବାର ସଙ୍କଟାକାଳୀନ ଅବସ୍ଥା ହେଉଛି ଫୁଲ ଧରିବା ଓ ଛୁଇଁରେ ଦାନା ପୂରଣ ଅବସ୍ଥା ।

**ଫସଲ ସଂରକ୍ଷଣ:**

**ପୋକ:**

୧. **ଜଉପୋକ :** ପତ୍ରରୁ ରସ ଶୋଷି ଖାଇବା ଫଳରେ ଗଛ ଦୁର୍ବଳ ହୋଇଯାଏ । ଏକର ପ୍ରତି ୪୦୦ ମି.ଲି. ଡାଇମିଥୋଏଟ୍ ୩୦% ଇ.ସି. ୩୦% ଇ.ସି. ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

୨. **ସଂବାଲୁଆ:** ସଂବାଲୁଆ ପୋକ ଗଛର ଛୋଟ ଅବସ୍ଥାରେ ଗଛକୁ ଆକ୍ରମଣ କରି ପତ୍ରକୁ ଖାଇ ଦିଅନ୍ତି । ଏକର ପ୍ରତି ୪୦୦ ମି.ଲି. କ୍ଲୋରପାଇରିଫସ୍ ୨୦% ଇ.ସି. ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

୩. **ବାଘୁଆ ପୋକ:** ସାଧାରଣତଃ ଏହି ପୋକ ଫୁଲ ଅବସ୍ଥାରେ ଲାଗନ୍ତି ଓ ଫୁଲ ଖାଇ ଦିଅନ୍ତି । ଏକର ପ୍ରତି ୪୦୦ ମି.ଲି. କ୍ଲୋପାଇରିଫସ୍ ୫୦% ସାଇପରମେଥ୍ରିନ୍ ୫% ଇ.ସି. ୨୦୦ ଲିଟର ପାଣିରେ ସିଞ୍ଚନ କରନ୍ତୁ ।

୪. **ଛୁଇଁବିନ୍ଧା ପୋକ:** ଏହି ପୋକ ହରଡ଼ ଛୁଇଁକୁ କଣାକରି ଖାଇଯାଏ । ଫଳରେ ଉତ୍ପାଦନ ହ୍ରାସପାଏ । ଏକର ପ୍ରତି ୧୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଏସ୍.ସି. ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ରୋଗ:**

୧. **ପାଉଁସିଆ ରୋଗ:** ଏହି ରୋଗ ଦ୍ୱାରା ପତ୍ର ଉପରେ ପାଉଁଶିଆ ଚିହ୍ନ ହୁଏ । ଆକ୍ରାନ୍ତ ପତ୍ରଗୁଡିକ ଶୁଖିଯାଏ । ଏକର ପ୍ରତି ୧ କି.ଗ୍ରା. ୮୦% ସେଚିତ ଗନ୍ଧକଗୁଣ୍ଡ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

୨. **ଝାଉଁଳା ରୋଗ:** କିଆରୀରେ ମଳା ମଳା ହୋଇ ଗଛ ଝାଉଁଳି ମରିଯାଏ । ଏକର ପ୍ରତି ୪୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲୁ.ପି. ୨୦୦ ଲିଟର ପାଣିରେ ମିଶାଇ ମୂଳକୁ ସିଞ୍ଚନ କରନ୍ତି ।

**ଅମଳ :** କିଆରୀରେ ତିନି ଚତୁର୍ଥାଂଶ ଛୁଇ ଶୁଖିଗଲେ ଗଛକୁ କିଆରୀରୁ ଆଣି ଖରାରେ ଶୁଖାଇ ସାରିବା ପରେ ବାଡେଇ଼ ଅମଳ କରାଯାଏ । ଏକ ଏକରୁ ଜମିରୁ ହାରାହାରି ୮-୧୦ କ୍ୱିଣ୍ଟାଲ୍ ମଞ୍ଜି ଅମଳ ହୋଇଥାଏ । ଏହା ସହିତ ୨୦-୨୫ କ୍ୱିଣ୍ଟାଲ୍ ଶୁଖିଲା ଗଛ ମଧ୍ୟ ମିଳିଥାଏ ।